### ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ

# ପିଟି ପିଟି ମାରିଦେଲେ ସହପାଠୀ



- ୮ ନାବାଳକ କିଶୋର ନ୍ୟାୟ ବୋର୍ଡରେ ହାଜର; ଜଣେ କୋର୍ଟ ଚାଲାଣ
- ମୋବାଇଲ ଲୁଚାଇବା ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳରୁ ହତ୍ୟାକାଣ୍ଡ

ସୋନପୁର, ୨୧।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଚାରଭଟା ପିଏମଶ୍ରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀମାନେ ପିଟି ପିଟି ହତ୍ୟା କରିଛନ୍ତି। ମୃତ ଛାତ୍ରଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ୮ ଜଣ ନାବାଳକ ଛାତ୍ରଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଚାରଭଟା ପିଏମଶ୍ରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର ଆର୍ଯ୍ୟନ ସୁନା(୧୭)ଙ୍କ ହଷ୍ଟେଲରେ ଗତ ୧୬ ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହାର ପର୍ଦ୍ଦାଫାଶ ହୋଇଛି। ମୃତ ଛାତ୍ର ଆର୍ଯ୍ୟନଙ୍କ ବାପା ବଡ଼ନୂଆପାଲି ଗ୍ରାମର ବିଷ୍ଣୁ ସୁନା ତରଭା ଥାନାରେ ପୁଅକୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିବା ପରେ ତରଭା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ବିଦ୍ୟାଳୟର ୯ ଜଣ ଛାତ୍ରଙ୍କୁ ଆଣି ପଚରାଉଚରା କରିଥିଲା। ରବିବାର ବିଦ୍ୟାଳୟର ୮ ଜଣ ଅଭିଯୁକ୍ତ ନାବାଳକ ଛାତ୍ରଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରିବା ପରେ ସେମାନଙ୍କୁ ରାଉରକେଲା ନିରାପଦ/ନିରୀକ୍ଷଣ ଗୃହକୁ ପଠାଇ ଦିଆଯାଇଛି। ସେହିପରି ଜଣେ ସାବାଳକ ଛାତ୍ର ତରଭା ଥାନା ପୁରୁଣାପାଣି ଗ୍ରାମର ଅଜିତ ହରିପାଲ(୧୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ଛାତ୍ର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଏବଂ ଆର୍ଯ୍ୟନର ସହପାଠି। ମୋବାଇଲ ଲୁଚାଇବା ଘଟଣାକୁ କେନ୍ଦ୍ରକରି ମୃତ ଛାତ୍ରଙ୍କ ସହ ସହପାଠୀଙ୍କ ଗଣ୍ଡଗୋଳରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ଠିକାଦାର ସଂଘର ସାଂଗଠନିକ ବୈଠକ

**ମନମୁଣ୍ଡା, ୨୧।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଠିକାଦାର ସଂଘର ସାଂଗଠନିକ ବୈଠକ ଆଜି ମନମୁଣ୍ଡା ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପୁରନ୍ଦର ବକ୍ସି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପ ସଭାପତି ଶିବ ନାରାୟଣ ଚୌଳୀଆ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନିଜ ଜିଲ୍ଲା ଠିକାଦାର କେବଳ ନିଜ ଜିଲ୍ଲାରେ କିପରି କାମ କରି ପାରିବେ ଓ ବାହାର ଜିଲ୍ଲା ଠିକାଦାରମାନେ ଯେମିତି ବୌଦ୍ଧ ଜିଲ୍ଲାରେ କୌଣସି ଟେଣ୍ଡର ପକାଇ ପାରିବେ ନାହିଁ ସେ ଉପରେ ସମ୍ପାଦକ ଅଶୋକ କୁମାର ବାରିକ ଏବଂ କୋଷାଧ୍ୟକ୍ଷ ଶାନ୍ତନୁ କୁମାର ଥାଟି ଗୁରୁତ୍ୱାରୋପ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଉପଦେଷ୍ଟା କମିଟି ସଭ୍ୟ ଡମ୍ବରୁଧର କହଁର, ବିପ୍ର ଚରଣ ବେହେରା, ସୁଧୀର ମହାକୁଡ, ଗଣେଶ୍ୱର ପାତ୍ର, ଅଶୋକ କୁମାର ସିଂ ପ୍ରମୁଖ ଙ୍କ ସମେତ ଆହୁରି ଅନେକ ସଭ୍ୟ ନିଜ ନିଜ ମତାମତ ପ୍ରଦାନ କରିଥିଲେ। ନିଜ ଜିଲ୍ଲାର ଠିକାଦାର ନିଜ ଜିଲ୍ଲାରେ କାମ କଲେ ପ୍ରତିଯୋଗିତା କମିଯିବ, କମ୍ ମୂଲ୍ୟରେ କେହି ଆଉ ଟେଣ୍ଡର ପକାଇବେ ନାହିଁ, ନିଜ ଜିଲ୍ଲାର କାମ ପ୍ରତି ଠିକାଦାର ମାନଙ୍କ ଦରଦ ରହିବ, ପ୍ରକଳ୍ପ ଅଟକଳ ମୁତାବକ କାମର ମାନ ପୂର୍ବାପେକ୍ଷା ଅଧିକ ମଜବୁତ ହେବ ବୋଲି ଠିକାଦାରମାନେ ମତବ୍ୟକ୍ତ କରିଥିଲେ। ଯେହେତୁ ଅନେକ ଜିଲ୍ଲାରର ଠିକାଦାର ସଂଘ ସେମାନଙ୍କ ଜିଲ୍ଲାରେ ବାହାର ଜିଲ୍ଲା (ବୌଦ୍ଧ ଜିଲ୍ଲା ସମେତ) ଠିକାଦାରମାନଙ୍କୁ ଟେଣ୍ଡର ପକାଇବା ମନା କରିଛନ୍ତି ତାହାକୁ ଦୃଷ୍ଟିରେ ରଖି ବୌଦ୍ଧ ଜିଲ୍ଲା ଠିକାଦାର ସଂଘ ମଧ୍ୟ ଅନୁରୂପ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିବା କୁହାଯାଇଛି। ପଡୋଶୀ ଜିଲ୍ଲା ଠିକାଦାର ସଂଘକୁ ବୌଦ୍ଧ ଜିଲ୍ଲା ଠିକାଦାର ସଂଘର ଏହି ନିଷ୍ପତ୍ତି ଗଣ ମାଧ୍ୟମ ଜରିଆରେ ଜଣାଇ ଦିଆଯାଇଥିବାବେଳେ ଫୋନ ମାଧ୍ୟମରେ ମଧ୍ୟ ଜଣାଇ ଦିଆଯାଇଥିବା ଓ ଆଗାମୀ ଦିନରେ ଚିଠି ମଧ୍ୟ ପ୍ରେରଣ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି। ସେହିପରି ଠିକାଦାରମାନଙ୍କ ବିଭିନ୍ନ ସମସ୍ୟା, ଜିଲ୍ଲାରେ ହେଉଥିବା କାମଧାମ ଓ କାମର ମାନ ଇତ୍ୟାଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଠିକାଦାର କଲ୍ୟାଣ ପାଣ୍ଠି ଗଠନ କରାଯିବାକୁ ଆଲୋଚନା କରାଯାଇଥିଲା। ବାହାର ଜିଲ୍ଲାର ଠିକାଦାରମାନେ ବୌଦ୍ଧ ଜିଲ୍ଲାର କୌଣସି କାମ ତଥା ପ୍ରକଳ୍ପ ପାଇଁ ଟେଣ୍ଡର ନ ପକାଇବାକୁ ତଥା କାମ ନ କରିବାକୁ କଣ୍ଟାମାଳ ଠିକାଦାର ସଂଘ ତରଫରୁ କରାଯାଇଥିବା ଅନୁରୋଧକୁ ବାହାର ଜିଲ୍ଲା ଠିକାଦାରମାନେ ଏ କ୍ଷେତ୍ରରେ ସହଯୋଗ କରିବାକୁ ନିବେଦନ କରାଯାଇଛି। ଶେଷରେ ବିପ୍ର ଚରଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶ୍ରୟସ୍ଥଳରୁ ଅପରିଚିତ ଯୁବକ ଫେରାର୍



**ବୌଦ୍ଧ, ୨୧।୧୨(ସମିସ):** ବୌଦ୍ଧ ଏନଏସି ଦ୍ୱାରା ପରିଚାଳିତ ରାତ୍ରି ଆଶ୍ରୟ ସ୍ଥଳରେ ସାମୟିକ ଭାବେ ଥଇଥାନ କରା ଯାଇଥିବା ଜଣେ ଅପରିଚିତ ଯୁବକ ଫେରାର ମାରିଛନ୍ତି। ହରଭଙ୍ଗା ବ୍ଲକ ସରସରା ନିକଟରୁ ଗତ ୧୮ ତାରିଖ ଦିନ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇ ରାତ୍ରି ଆଶ୍ରୟ ସ୍ଥଳରେ ରଖା ଯାଇଥିଲା। ଏହି ଅପରିଚିତ ଯୁବକ ନିଜ ନାମ ଜୟ ବୋଲି କହିଥିଲେ। ସେ ଶ୍ରୀଲଙ୍କାରୁ ଭାରତ ବୁଲି ଆସିଥିବାବେଳେ ଟ୍ରେନ୍‌ରେ ଲୁଟ୍‌ର ଶିକାର ହୋଇଥିବା କହିଥିଲେ। ତେବେ କାହାକୁ ନ ଜଣାଇସେ ଫେରାର ମାରିଥିବା ବେଳେ ବୌଦ୍ଧ ପୁଲିସ ତାଙ୍କୁ ଖୋଜୁଛି। ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ ଆଶ୍ରୟ କେନ୍ଦ୍ର ପରିଚାଳକ ପରିଚାଳକ କିମ୍ବା ଆଦର୍ଶ ଥାନାକୁ ଅବଗତ କରାଇବାକୁ ଅନୁରୋଧ କରାଯାଇଛି।

## ବିଧାୟକ, ଜିଲ୍ଲାପାଳଙ୍କ ନୂଆ ଡାକ୍ତରଖାନା କୋଠା ପରିଦର୍ଶନ

**ବୌଦ୍ଧ, ୨୧।୧୨(ସମିସ):** ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପୁରୁଣା ଜେଲ ନିକଟରେ ନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଜାନୁଆରୀ ୬ରେ ଏହା ଉଦ୍‌ଘାଟିତ ହେବ। ତେବେ କାନ୍ଥରେ ହୋଇଥିବା ଫାଟ ଦେଖି ଉଭୟ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ମରାମତି ପାଇଁ ଦାୟିତ୍ୱରେ ଥିବା ଠିକାଦାରଙ୍କ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୩୧ ତାରିଖ ସୁଦ୍ଧା ରଙ୍ଗମରା ଓ ପରିସରରୁ ଆବର୍ଜନା ହଟାଇବା କାମ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଆଉଟ ସୋର୍ସିଂ କର୍ମଚାରୀ ମହାସଂଘର ସାମ୍ବାଦିକ ସମ୍ମିଳନୀ

**ବୌଦ୍ଧ, ୨୧।୧୨(ସମିସ):** ବୌଦ୍ଧର ଏକ ହୋଟେଲରେ ବୌଦ୍ଧ ଜିଲ୍ଲା ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ସାମ୍ବାଦିକ ସମ୍ମିଳନୀ କରିଛି। ଜିଲ୍ଲା ମହାସଂଘର ସଭାପତି ସଞ୍ଜିତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଉଟ୍ ସୋର୍ସିଂ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ସୂଚନା ଦିଆଯାଇଥିଲା। ଆଉଟ ସୋର୍ସିଂ କର୍ମଚାରୀଙ୍କ ଦାବିଗୁଡିକ ଡିସେମ୍ବର ଶେଷ ତାରିଖ ସୁଦ୍ଧା ସରକାର ପୂରଣ ନକଲେ ଆନ୍ଦୋଳନ ଆହୁରି ତୀବ୍ର କରାଯିବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଥିଲେ। ଏଡି ସାମ୍ବାଦିକ ସମ୍ମିଳନୀରେ ମହା ସଚିବ ଆକାଶ ପୁରୋହିତ, ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ସରୋଜ ବାଙ୍କ, କୋଷାଧ୍ୟକ୍ଷ ଜଗଦୀଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ମାଣାଧୀନ ବସଷ୍ଟାଣ୍ଡ ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

**ବୌଦ୍ଧ, ୨୧।୧୨(ସମିସ):** ବୌଦ୍ଧରେ ନିର୍ମାଣାଧୀନ ନୂତନ ବସଷ୍ଟାଣ୍ଡ ସମ୍ପ୍ରସାରଣ କାର୍ଯ୍ୟ ସମୀକ୍ଷା କରାଯାଇଛି। ବୌଦ୍ଧ ଜିଲ୍ଲାପାଳ ଏବଂ ବିଧାୟକ ସରୋଜ ପ୍ରଧାନ ବସଷ୍ଟାଣ୍ଡରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଓ ଜମି ଜବର ଦଖଲ ଉଚ୍ଛେଦ ପାଇଁ ଆରମ୍ଭ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହା ସହ ଉଭୟ ନିର୍ମାଣାଧୀନ ବସଷ୍ଟାଣ୍ଡ ଓ ପୁରୁଣା ବସ ଷ୍ଟାଣ୍ଡ ମଧ୍ୟରେ ରହିଥିବା ଜନ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ବାସଗୃହ ଅଞ୍ଚଳ ବୁଲି ଦେଖିଥିଲେ।

## ମହନ୍ତ କରୁଣାକାର ଦାସଙ୍କ ପରଲୋକ

**ଡୁଙ୍ଗୁରିପାଲି, ୨୧।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାଝୀମୁଣ୍ଡା ଝୁମୁକାଡୁଙ୍ଗୁରିର ମହନ୍ତ କରୁଣାକାର ଦାସଙ୍କ ଶନିବାର ଦେହାନ୍ତ



ହୋଇଯାଇଛି। ତାଙ୍କୁ ମୃତ୍ୟୁ ବେଳକୁ ୯୩ ବର୍ଷ ହୋଇଥିଲା। ସେ ଅସୁସ୍ଥତା କାରଣରୁ ତାଙ୍କର ଜନ୍ମ ଭୂମି ବଲାଙ୍ଗୀର ଜିଲ୍ଲା ସଇଁତଲା ନିକଟ କୁମ୍ଭୀର ଗ୍ରାମସ୍ଥିତ ବାସ ଭାବନରେ ରହି ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପାଇ ଝୁମୁକାଡୁଙ୍ଗୁରିର ବାବା ସୁରେଶ ଦାସ, ଚଞ୍ଚଳା ଦାସ, ସତ୍ୟାନନ୍ଦ ଦାସ, ଅନିରୁଦ୍ଧ ବାରିକ, ହୃଷିକେଶ ରଣା, ପ୍ରଫୁଲ ବାରିକ, ଯୁଗଳ ନାହାକ, ମଦନ ବେହେରା, ସୁରେନ୍ଦ୍ର ସା, ସାଲେଗ୍ରାମ ରଥ, ଶୁବାବନ ଦାସ, ସଂକ୍ରୀତନ୍ୟ ସାହୁ, ହରିଶଙ୍କର ନାହାକ ଗ୍ରାମକୁ ଯାଇ ମହନ୍ତଙ୍କ ଶେଷଦର୍ଶନ କରିଥିଲେ।

## ବକୁଳ ଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ବୀରମହାରାଜପୁର, ୨୧।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କୋଟସମଲାଇ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧି ପୀଠ ବାଘପାଲିଠାରେ ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଧାୟକ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବେ ଯୋଗଦେଇ ସିଦ୍ଧଯୋଗୀ ଚନ୍ଦ୍ରମଣି ଦାସ ସମାଧି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ଆସନ୍ତା ବିଧାନସଭାରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଏହି ପୀଠର ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ଏହି ଟ୍ରଷ୍ଟ ସଦସ୍ୟ ଉତ୍ତର କୁମାର ପାତ୍ର, ଡ. ଅନିରୁଦ୍ଧ କୁରୁକୁରିଆ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ ପତ୍ରିକା ସୁଧାସାରର ପଞ୍ଚମ ସଂସ୍କରଣ ଲୋକାର୍ପଣ କରାଯାଇଥିଲା। କବିତା ପାଠୋତ୍ସବରେ କବି ବାବୁଲାଲ ମନ୍ତ୍ରୀ, ଭିକାରି ସେଠି, ଧ୍ରୁବଚରଣ ନାଏକ, ଗଜିନ୍ଦ୍ର ସେଠି, କୃପାସିନ୍ଧୁ ମହାକୁର, ରଞ୍ଜନ କୁମାର ସା, ସୁଦାମ ନାଏକ, ଡ. ଅନିରୁଦ୍ଧ କୁରୁକୁରିଆ ପ୍ରମୁଖ କବିତା ପାଠ କରିଥିଲେ। ଶିକ୍ଷକ ମକୁନ୍ଦ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବରେ ଐତିହାସିକ ସୁଦାମ ନାଏକ ଯୋଗଦେଇ ଚନ୍ଦ୍ରମଣି ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାରେ ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷା ଶାନ୍ତିଲତା ମିଶ୍ରଙ୍କ ପ୍ରତିନିଧି କୁର୍ତ୍ତିବାସ ମିଶ୍ର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତରକୁମାର ପାତ୍ର, ଜାନକୀ ରାମ ଦେହେରୀ, ମନରଞ୍ଜନ ପାଢ଼ୀ, ଅନିରୁଦ୍ଧ କୁରକୁରିଆ ଯୋଗଦେଇଥିଲେ। ପ୍ରଥମେ ଆଞ୍ଚଳିକ କଳାକାରମାନଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। କୁନି ତାରକାମାନଙ୍କ ନୃତ୍ୟ, ମ୍ୟାଜିକ ଶୋ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରେରିତ ରୁମକୁଝୁମା, ସୁବର୍ଣ୍ଣପୁରର ମେଲୋଡି, ମହିଳା ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନରେ ଲସ୍ତଲା, ମେଘନାଦ, ଘଣ୍ଟପାଲି, କୋଟସମଲାଇ, ଖୁଣ୍ଟୁଲାପାଲି, ଟିଠିପାଲି, ଗୁଲାବନ୍ଧ, ରେଡମ, ଜଗନ୍ନାଥପାଲି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଏଥିରେ ସମ୍ବଲପୁର ଜିଲ୍ଲା ବମରାଜ ସମାସିଙ୍ଗର ଗୌଦୀୟ ସଂକୀର୍ତ୍ତନ ଦଳ, ବୌଦ୍ଧ ଜିଲ୍ଲା ଗୋବିନ୍ଦପୁର, ମୁହୁରିଆପାଲି, ଗୁଞ୍ଜିପାଲି, ବଡ଼ମାଳ, ଲସ୍ତଲା ନିମନା ବିଭିନ୍ନ ଦଳ ଯୋଗଦେଇଥିଲେ। ଏଥିରେ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଜାନକୀରାମ ଦେହେରୀ, ଅଭିଷେକ ଅମାତ, ଲୁପି ମହାକୁର, ନରସିଂହ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## କ୍ରୀଡ଼ାବିତ୍‌ଙ୍କ ବିୟୋଗରେ ଶୋକସଭା



**ତରଭା, ୨୧।୧୨(ସମିସ):** ତରଭା କ୍ରିକେଟ କ୍ଲବର ପୂର୍ବତନ ଖେଳାଳି ମହମ୍ମଦ ହସରତ ଖାଁନ(୫୬)ଙ୍କ ଶନିବାର ରାତିରେ କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ରକ୍ତ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ପତ୍ନୀ ଓ ଗୋଟିଏ ଝିଅ ଅଛନ୍ତି। ତାଙ୍କ ବିୟୋଗରେ ଏକ ଶୋକସଭା ରବିବାର ସନ୍ଧ୍ୟାରେ ଏନଏସି ପାଠାଗାରରେ ସଭାପତି ଅର୍ଜୁନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ କ୍ଲବ୍‌ର ସୁରଜ ସେଠୀ, ବଶିଷ୍ଠ ସାହୁ, ଶଙ୍କର ଆଚାରି, ନବାବ ଖାଁନ, ପରେଶ ମେହେର, ସହଦେବ ସାହୁ, ବିନୋଦ ପାଣିଗ୍ରାହୀ, ଦୁର୍ଜ ଭୋଇ, ମନୋରଞ୍ଜନ ମିଶ୍ର, ବିଜୟ ସାହୁ, ସଞ୍ଜୀବ ମେହେର, ରବୀନ୍ଦ୍ର ଠାକୁର, ତରବେଜ ଖାଁନ, ଫରିଦ୍ ଖାଁନ, ସୁରେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

## ଭାରତ ସ୍କାଉଟ୍ସ ଓ ଗାଇଡ କ୍ୟାମ୍ପୋରୀ ଉଦ୍‌ଯାପିତ

**ବୌଦ୍ଧ, ୨୧।୧୨(ସମିସ):** ବୌଦ୍ଧ ଜାନକୀ ଭିକାରି ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ଷଷ୍ଠ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପୋରୀ ଉଦ୍‌ଯାପିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଭାରତ ସ୍କାଉଟ ଓ ଗାଇଡ ସଂଗଠନର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଏସ୍‌ପି ସାର୍ଥକ ରାୟ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଏସଡିପିଓ ଲରେନ ରାଉତରାୟ, ପ୍ରାଥମିକ ଶିକ୍ଷା ବିଭାଗର ଉପନିର୍ଦ୍ଦେଶିକା ଜୟଶ୍ରୀ ଦୋରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡିବନ୍ଧୁ ବେହେରା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭାରତ ସ୍କାଉଟ ଓ ଗାଇଡ ସଂଗଠନର ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ ବେହେରା ଅତିଥି ପରିଚୟ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା, କଣ୍ଟାମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଲି ମଞ୍ଚାସୀନ ଥିଲେ। ତୃତୀୟ ଦିବସରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ ପ୍ରମୁଖ ମଞ୍ଚା।ସୀନ ଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୫୦୦ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ମନମୁଣ୍ଡା ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଜିତେନ୍ଦ୍ର ହୋତା ଓ ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ସଂଗଠନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୨୧।୧୨(ସମିସ):** ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପରିସରରେ ଦିନ ୧୧ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସୁଦେବ ରଥଙ୍କ ଦ୍ୱାରା ରାମାୟଣ ପ୍ରବଚନ କାର୍ଯ୍ୟକ୍ରମ ରହିଥିଲା। ଦୟାନିଧି ହୋତା ପ୍ରବକ୍ତାଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଭୂଷଣ ପାତ୍ର, ଗୋପୀନାଥ ମହାକୁର, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ରାମକୃଷ୍ଣ ହୋତା, ସୌମିତ୍ରୀ ମେହେର, ତ୍ରିନାଥ ମିଶ୍ର, ସନ୍ତୋଷ ଷଡ଼ଙ୍ଗୀ, ଅକ୍ଷୟ ମିଶ୍ର, ଶିବ ଖମାରୀ, ନିମାଇଁ ପଣ୍ଡା, ସତ୍ୟ ନାରାୟଣ ନାୟକ, ଚମ୍ପେଶ୍ୱର ଦାଶ, ଜୀତେନ୍ଦ୍ର ପଧାନ, ରାଧେଶ୍ୟାମ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଭ୍ୟାଲି ହାଇସ୍କୁଲର ବାର୍ଷିକୋତ୍ସବ

**ବିନିକା, ୨୧।୧୨(ସମିସ):** ବିନିକା ସ୍ଥିତ ସେଣ୍ଟ ଭ୍ୟାଲି ହାଇସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଶ୍ୱିନୀ କୁମାର ପଣ୍ଡାଙ୍କ ସଭାପତିତ୍ୱ ଓ ଶିକ୍ଷକ ଦେବଦତ୍ତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମୁଖ୍ୟଅତିଥି, ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ମୁଖ୍ୟବକ୍ତା, ସିନ୍ଦୂରପୁର ଗୋପାଳଜି ନୋଡାଲ ସ୍କୁଲ୍ ପ୍ରଧାନ ଶିକ୍ଷକ ପ୍ରତ୍ୟୁଲ୍ୟ ପଣ୍ଡା, ଶିକ୍ଷାବିତ ଅନିଲ ମିଶ୍ର, ଏବିଇଓ ଟଙ୍କଧର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସତ୍ୟନାରାୟଣ ଓ ସୁବ୍ରତଙ୍କ ପରିଚାଳନାରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ସ୍କୁଲ ଶିକ୍ଷକ ଦେବଦତ୍ତ ପଣ୍ଡା ସ୍ୱାଗତ ଭାଷଣ, ପ୍ରଧାନ ଶିକ୍ଷକ ବାଲଗୋପାଲ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ। ଶେଷରେ ଶିକ୍ଷକ ଜୟଲାଲ ସେବକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ତପନ ଜୁଆଡି ପୁଣି ସୁବର୍ଣ୍ଣପୁର ଜିଲ୍ଲା ଯାଦବ ସମାଜ ସଭାପତି

**ଡୁଙ୍ଗୁରିପାଲି, ୨୧।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଯାଦବ ମହାସଭାର ସଭାପତି ଭାବରେ ତପନ ଯୁଆଡି ପୁଣିଥରେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏହି ବୈଠକରେ ବୀରମହାରାଜପୁର ବ୍ଲକ ସଭାପତି ବଳରାମ କାଣ୍ଡ, ସମ୍ପାଦକ ବସନ୍ତ ମହାକୁର, ଉଲୁଣ୍ଡା ସଭାପତି ରବି ପୋଢ, ସମ୍ପାଦକ ଚକ୍ରଧର ହାତୀ, ଡୁଙ୍ଗୁରିପାଲି ସଭାପତି ଶତ୍ରୁଘ୍ନ ବଗର୍ତ୍ତି, ସମ୍ପାଦକ ସନ୍ତୋଷ କୁଁଥେଇ, ସୋନପୁର ବ୍ଲକ ସଭାପତି ବିରଞ୍ଚି ନାରାୟଣ ଷାଣ୍ଢ, ସମ୍ପାଦକ ରବୀନ୍ଦ୍ର ଭୋଇ, ତରଭା ବ୍ଲକ ପ୍ରତିନିଧି ଅଭିରାମ ଘିବେଲା, ଆଦିତ୍ୟ ପ୍ରସାଦ ବାଘ, ଯୁବ ଯାଦବ ସମ୍ପାଦକ ପ୍ରକାଶ ହାତୀ ପ୍ରମୁଖ ଯୋଗ ଦେଇଥିଲେ। ଉପଦେଷ୍ଟା ମନବୋଧ ଭୋଇ, ବିନିକା ବ୍ଲକ ସଭାପତି ଶୀତଳ ମହାକୁର, ସମ୍ପାଦକ ବୃନ୍ଦାବନ ଦୀପ ଉପସ୍ଥିତ ଥିଲେ। ପୀତବାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀଙ୍କୁ ତୈଳବୀଜ ବିହନ ବଣ୍ଟନ

**କଣ୍ଟାମାଳ, ୨୧।୧୨(ସମିସ):** ବଘିଆପଡ଼ା ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଓ କୁମରକେଲି ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂଗଠନ ସହଯୋଗରେ ତୈଳବୀଜ ଫସଲକୁ ଅଗ୍ରାଧିକାର ଦେଇ ଯୋଗିନ୍ଦ୍ରପୁର ପଞ୍ଚାୟତର ରାବିଡ଼ି, ଡିମିରିମୁଣ୍ଡା, ବାନ୍ଧନଝୁଲି ଓ ଖଟଖଟିଆ ପଞ୍ଚାୟତର କୁମରକେଲି, ବ୍ରହ୍ମଣୀ ଗ୍ରାମର ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି। ଚଳିତ ରବି ଋତୁରେ ତୈଳବୀଜ ଜାତୀୟ ଫସଲ ଚାଷ କରି ଖାଇବା ତଥା ତେଲର ଅଭାବ ସମସ୍ୟା ଦୂର କରିବା ପାଇଁ ବଣ୍ଟନ କରାଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ତୈଳବୀଜ ଫସଲକୁ ଅଗ୍ରାଧିକାର ଦେଇ ୨୦ ଏକର ସୋରିଷ ଚାଷ ଓ ୧୦ ଏକର ଚିନାବାଦାମ ଚାଷ ପାଇଁ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି। ଚାଷୀକୁ ଏହା ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି। ଧାନ ଚାଷ ଅମଳ ହେଲାପରେ ଜମିକୁ ପଡ଼ିଆ ନ ରଖିବା ପାଇଁ କୃଷି ବିଭାଗ ଦ୍ୱାରା ଏହି ବିହନ ଯୋଗାଇ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ

**ବୌଦ୍ଧ, ୨୧।୧୨(ସମିସ):** ଲୁଣିବାହାଲ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବୌଦ୍ଧ ଜିଲ୍ଲା ସଂଗଠନ ତରଫରୁ ଜିଲ୍ଲା ସ୍ତରୀୟ ଶିଶୁ ମେଳା ଆୟୋଜିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ଚନ୍ଦ୍ରମା ପ୍ରଧାନ, ଓଷ୍ଟା ଜିଲ୍ଲା ସଭାପତି ପୀତବାସ ପଣ୍ଡା, ଓଷ୍ଟା ଜିଲ୍ଲା ସମ୍ପାଦକ ତୃପ୍ତି ରଞ୍ଜନ ଦାନୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ମହାପାତ୍ର, ସୁବାସ ପ୍ରଧାନ ଓ ବୌଦ୍ଧ ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ନବକିଶୋର ଦୀପ ପ୍ରମୁଖ ଯୋଗ ଦେଇଥିଲେ। ତର୍କ, କବିତା ରଚନା, ଗଳ୍ପଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, କୁଇଜ୍, ଏକକ ନୃତ୍ୟ, ଏକକ ଅଭିନୟ, କବିତା ଆବୃତ୍ତି, ଗୀତ ଆଦି ୧୦ଟି ବିଭାଗରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ସୁବାଷ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ହରଭଙ୍ଗା ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ପରିଚାଳନା କରିଥିଲେ। ନବକିଶୋର ଦୀପ, ଜିତେନ୍ଦ୍ରିୟ ନାଥ ଦାଶ, ରଞ୍ଜିତ ନାୟକ, ପ୍ରିୟମ୍ବଦା ସୁବୁଦ୍ଧି ଓ ମମତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ଆଲୋଚନା

**ବୌଦ୍ଧ, ୨୧।୧୨(ସମିସ):** ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତର ଦେବନ୍ଧରେ ମୁଣ୍ଡାପଡ଼ା ମଣ୍ଡଳ ବିଜେପି ପକ୍ଷରୁ ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ଆଲୋଚନା ଚକ୍ର ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ରଞ୍ଜନ ଖଟୁଆ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ମନ ରଞ୍ଜନ ଦାଶ, ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ, ନାରୀ ନେତ୍ରୀ ଦୀପିକା ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ବୌଦ୍ଧ, ୨୧।୧୨(ସମିସ):** ପଦ୍ମନପୁର ପଞ୍ଚାୟତ କୁମୁରସିଙ୍ଗାସ୍ଥିତ ଆର୍ଯ୍ୟନ ଏକାଡେମୀ ଆବାସିକ ବିଦ୍ୟାଳୟର ୧୪ତମ ବାର୍ଷିକ କ୍ରୀଡା ଉତ୍ସବ ଖୁଣ୍ଟବନ୍ଧ ପଞ୍ଚାୟତର ବୁରକଟା ଗଦବସା ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ସମ୍ମାନିତ ଅତିଥି ଭାବେ ଖୁଣ୍ଟବନ୍ଧ ସିଆରସିସି ସନତ ବାରିକ, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଆର୍ଯ୍ୟନ ଏକାଡେମୀର ପ୍ରଧାନ ଶିକ୍ଷକ ସୁଜିତ ନାଏକ ସଭାପତିତ୍ୱ କରିଥିଲେ। ଶିକ୍ଷକ ଅସିତ ହୋତା ଅତିଥି ପରିଚୟ ଦେବା ସହ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ସୁଶୀଲ ପରିଡ଼ା, ଅମ୍ବରୀଶ ପ୍ରଧାନ, ପ୍ରଦୀପ ନାଏକ, ରଞ୍ଜିତ ରଞ୍ଜନ ଚାନ୍ଦ ଖେଳ ପରିଚାଳନା କରିଥିଲେ।

## ଜଗନ୍ନାଥ ମନ୍ଦିରକୁ ସାଢ଼େ ୩ ଲକ୍ଷର ଘର ଦାନ କଲେ ସାମ୍ବାଦିକ

**ପୁରୁଣା କଟକ, ୨୧।୧୨(ସମିସ):** ଜନ୍ମଦିବସ ଅବସରରେ ଜଗନ୍ନାଥ ମନ୍ଦିରକୁ ଘର ଦାନ କଲେ ଯୁବ ସାମ୍ବାଦିକ। ସୂଚନାମୁତାବକ, କିଛି ଦିନ ତଳେ ସାମ୍ବାଦିକ ଶାଶ୍ୱତ ଦେବବ୍ରତ ଦାଶ ସାଢ଼େ ୩ ଲକ୍ଷ ଟଙ୍କା ମହେଶ୍ୱର ସାହୁଙ୍କ ନିକଟରୁ ଚାରିଛକ ବଜାରରେ ଏକ ଘର କିଣିଥିଲେ। ପରବର୍ତ୍ତୀ ସମୟରେ ପରିବାର ସଦସ୍ୟମାନେ ମିଶି କ୍ରୟ ଘର ଟିକୁ ଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଧଶ୍ୟରେ ଦେବୋତ୍ତର ଅଧିକୃତ ଠିଡିକାଯୋର ଜଗନ୍ନାଥ ମନ୍ଦିରକୁ ସମର୍ପଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଆଜି ସାମ୍ବାଦିକଙ୍କ ଜନ୍ମଦିନ ଅବସରରେ ତାଙ୍କ ପିତା ବାମଦେବ ଦାଶ ଘରଟିକୁ ମନ୍ଦିର କମିଟି ସଦସ୍ୟଙ୍କ ଉପସ୍ଥିତିରେ ଜଗନ୍ନାଥ ମହାପ୍ରଭୁଙ୍କୁ ସମର୍ପଣ କରିଛନ୍ତି। ଅଗାମୀ ଦିନରେ ମଧ୍ୟ ମହାପ୍ରଭୁଙ୍କ ପାଇଁ ସେବା ଓ ସମର୍ପଣ ପାଇଁ ଏଭଳି ଯଥା ସମ୍ଭବ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ଯୁବ ସାମ୍ବାଦିକ ତଥା ସ୍ୱେଚ୍ଛାସେବୀଙ୍କ ଏଭଳି ପ୍ରୟାସ ଓ ସମର୍ପଣ ଭାବକୁ ମନ୍ଦିର କମିଟିର ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ ଓ ସଦସ୍ୟମାନେ ପ୍ରଶଂସା କରିବା ସହ ଶାଶ୍ୱତଙ୍କ ପରିବାରର ମଙ୍ଗଳକାମନା କରିଛନ୍ତି।

ଅନ୍ୟପଟେ ଛତିଶଗଡ଼ ରାୟପୁର ତଥା ପୁରୁଣାକଟକର ସ୍ୱେଚ୍ଛାସେବୀ ମାତାଦିନ ଅଗ୍ରୱାଲଙ୍କ ପକ୍ଷରୁ ଠିଡିକାଜୋର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବାଣୀଭୂଷଣପୁର ପଞ୍ଚାୟତର ବିଭିନ୍ନ ଗ୍ରାମର ୭୫ ଜଣ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାମ୍ବାଦିକଙ୍କ ପିତା ବାମଦେବ ଦାଶ, ସମ୍ମାନିତ ଅତିଥି ଭାବେ କେଦାରେଶ୍ୱର ଶିବ ମନ୍ଦିର କମିଟି ସଭାପତି ଜନକ ପାତ୍ର ଓ କୃଷ୍ଣଚନ୍ଦ୍ର ମଲ୍ଲିକ, ରାଧେଶ୍ୟାମ ଅଗ୍ରୱାଲ, ବାଳକୃଷ୍ଣ ନାୟକଙ୍କ ସମେତ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ସିକନ ନାୟକ, ସୁବାସ ପ୍ରଧାନ, ଜନକ ପାତ୍ର, ବେଦବର ପ୍ରଧାନ, ସୁରେଶ ବେହେରା, ଅର୍ଜୁନ କହଁର, ଯୋଗେଶ୍ୱର ନାୟକ, ହରେକୃଷ୍ଣ ରାଉଳ, ପୂର୍ଣ୍ଣଚନ୍ଦ୍ର ମହାରଣା, ଆଶିଷ ସାହୁ, ଚମ୍ପା କହଁର, ନିରୂପମା ରାଉଳ, ଅମିତା ପାଣିଗ୍ରାହୀ, ଅମିତା ପ୍ରଧାନ, ପୂର୍ଣ୍ଣିମା ରାଏଙ୍କ ସହିତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଓ ନନ୍ଦିଘୋଷ ରଥ ମହୋତ୍ସବ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

### ୧୩ତମ ମହାଲକ୍ଷ୍ମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଗୁହୁରିଆଘାଟ ସେମିରେ

କଣ୍ଟାମାଳ, ୨୧।୧୨(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ସୌରିବେଙ୍ଗେସରେ ୧୩ତମ ମା ମହାଲକ୍ଷ୍ମୀ କ୍ରିକେଟ୍ ଟୁର୍ଣ୍ଣାମ୍ୟାଚ୍ ରବିବାର ଉଦ୍‌ଘାଟନ ହୋଇଯାଇଛି। ବିରଞ୍ଚିନାରାୟଣ ଭୋଇ ପୂଜା କରିଥିଲେ। ସର୍ଜୁ କର୍ଣ୍ଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚ ଗୁହୁରିଆଘାଟ ଓ ବିରମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁହିରାଘାଟ ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୮ଟି ଉଇକେଟ ହରାଇ ୬୮ରନ୍ କରିଥିଲା। ଜବାବରେ ବୀରମୁଣ୍ଡା ୮ଓଭରରେ ୩ ଉଇକେଟ୍ ହରାଇ ୬୬ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗୁଣ୍ଡୁଚିତରା ଓ ସୌରିବେଙ୍ଗେସ ମଧ୍ୟରେ ହୋଇଥିଲା। ୮ଓଭରରେ ଗୁଣ୍ଡୁଚିତରା ୬୦ ରନ୍ କରିଥିଲେ। ଜବାବରେ ସୌରିବେଙ୍ଗେସ ୮ଓଭର ଖେଳି ୫୭ରନ କରି ପରାସ୍ତ ହୋଇଥିଲେ। କ୍ୱାର୍ଟରଫାଇନାଲ ପ୍ରଥମ ମ୍ୟାଚ ବିଜୟୀ ଗୁହିରାଘାଟ ଓ ଗୁଣ୍ଡୁଚିତରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୁଣ୍ଡୁଚିତରା ୪ଓଭରରେ ୫ଟି ଉଇକେଟ ହରାଇ ୨୭ରନର ଟାର୍ଗେଟ୍ ଦେଇଥିଲା। ଜବାବରେ ଗୁହିରାଘାଟ ୪ଓଭରରେ ୫ଟି ଉଇକେଟ୍ ହରାଇ ୨୮ରନ ସଂଗ୍ରହ କରି ପ୍ରଥମ ସେମିଫାନାଲ ମ୍ୟାଚକୁ ପ୍ରବେଶ କରିଥିଲେ। ସ୍କୋରିଙ୍ଗରେ ଲୋକେଶ ମହାକୁଡ ଏବଂ ସୁଦାମ ଭୋଇ ଓ ଦପଲା ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋକୁଳ ଭୋଇ ଧାରାବିବରଣୀ ଦେଇଥିଲେ। ଲକ୍ଷ୍ମୀକାନ୍ତ ଭୋଇ ଓ ଯଶବନ୍ତ ନାଏକ ଖେଳ ପରିଚାଳନା କରିଥିଲେ।

